# ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ, ଅନୁଗୋଳ

ନିଲାମ ନୋଟିସ ନଂ:- ୧୦୩୩ ତାରିଖ:- ୧୧.୦୬.୧୯

ମତ୍ସ୍ୟ ଓ ପଶୁପାଳନ ବିଭାଗ, ଓଡିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ, ମତ୍ସ୍ୟ ନିର୍ଦ୍ଦେଶକ, ଓଡିଶା, କଟକଙ୍କ ନିୟନ୍ତ୍ରଣରେ ଏବଂ ଜିଲ୍ଲା ମତ୍ସ୍ୟ ଅଧିକାରୀ, ଅନୁଗୋଳଙ୍କ ତତ୍ତ୍ୱାବଧାନରେ ଥିବା ବନ୍ତଲା ସରକାରୀ ମତ୍ସ୍ୟ ଜାଆଁଳ ଉତ୍ପାଦନ କେନ୍ଦ୍ର, ଅନୁଗୋଳ ବ୍ଲକ ଏବଂ ବଇଣ୍ଡା ମତ୍ସ୍ୟ ଜାଆଁଳ ଉତ୍ପାଦନ କେନ୍ଦ୍ର, କିଶୋରନଗର ବ୍ଲକକୁ ବେସରକାରୀ ଉଦ୍ୟୋଗକାରୀ/ ସମବାୟ ସମିତି/ ସ୍ୱଂୟ ସହାୟକ ଗୋଷ୍ଠୀ / ବ୍ୟକ୍ତି ବିଶେଷକୁ ତା: ୦୧/୦୭/୨୦୧୯ରିଖ ଠାରୁ ତା: ୩୦/୦୬/୨୦୨୪ ରିଖ ପର୍ଯ୍ୟନ୍ତ ପାଞ୍ଚବର୍ଷ ପାଇଁ ଦୀର୍ଘ ମିଆଦି ସୂତ୍ରରେ ନିଲାମ ଦେବାପାଇଁ ଟେଣ୍ଡର ଆହ୍ୱାନ କରାଯାଉଅଛି । ନିଲାମ ମୂଲ୍ୟ ଚୁକ୍ତି ଅନୁଯାୟୀ ପ୍ରତିବର୍ଷ ୧୫% ଚକ୍ରବୃଦ୍ଧି ହାରରେ ବର୍ଦ୍ଧିତ ଅନିର୍ବାଯ୍ୟ ଅଟେ ।

| କ୍ରମିକ ନମ୍ବର | ସରକାରୀ ମତ୍ସ୍ୟ ଜାଆଁଳ ଉତ୍ପାଦନ କେନ୍ଦ୍ରର ନାମ | ଜଳ ବିସ୍ତୃତି ଏରିଆ | ପ୍ରସ୍ତାବିତ ମୂଲ୍ୟ | ଅମାନତ ରାଶି |
|---|---|---|---|---|
| ୧ | ସରକାରୀ ମତ୍ସ୍ୟ ଜାଆଁଳ ଉତ୍ପାଦନ କେନ୍ଦ୍ର, ବନ୍ତଲା, ଜିଲ୍ଲା: ଅନୁଗୋଳ | ୧.୦୮ ହେକ୍ଟର | ଟ. ୧,୦୩,୪୫୦.୦୦ | ଟ.୨୦,୦୦୦.୦୦ |
| ୨ | ସରକାରୀ ମତ୍ସ୍ୟ ଜାଆଁଳ ଉତ୍ପାଦନ କେନ୍ଦ୍ର, କିଶୋରନଗର, ଜିଲ୍ଲା: ଅନୁଗୋଳ | ୦.୨୦ ହେକ୍ଟର | ଟ. ୨୩,୧୫୦.୦୦ | ଟ.୧୦,୦୦୦.୦୦ |

ଆଗ୍ରହୀ ଆବେଦନକାରୀ, ସାଧା କାଗଜରେ ନିଜର ଆବେଦନ ପତ୍ର ସହିତ, ପ୍ରସ୍ତାବିତ ମୂଲ୍ୟ ଉଦ୍ଧୃତ କରି ଚୁକ୍ତି ପାଇଁ ପ୍ରତ୍ୟକ ସରକାରୀ ମତ୍ସ୍ୟ ଜାଆଁଳ ଉତ୍ପାଦନ କେନ୍ଦ୍ର ପ୍ରତି ଉପରୋକ୍ତ ଅମାନତ ଅର୍ଥରାଶି ଆକାରରେ ଯେ କୌଣସି ରାଷ୍ଟ୍ରୟତ ବ୍ୟାଙ୍କ ଦ୍ୱାରା ଏବଂ ଅନୁଗୋଳ ଠାରେ ଦେୟ ହୋଇପାରୁଥିବା ଡିମାଣ୍ଡ ଡ୍ରାଫ୍ଟକୁ ଆବେଦନ ପତ୍ର ସହିତ ସଂଲଗ୍ନ କରି ଜଉମୁଦ ଲଫାପାରେ ଜିଲ୍ଲା ମତ୍ସ୍ୟ ଅଧିକାରୀ, ଅନୁଗୋଳଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ତା: ୨୯/୦୬/୨୦୧୯ରିଖ ଦିବା ୧ ଘଟିକା ପୂର୍ବରୁ ଜମା କରିବେ । ଜମା ହୋଇଥିବା ଅମାନତ ଅର୍ଥରାଶି ଟେଣ୍ଡର ଚୁଡାନ୍ତ ହେବାପରେ ଫେରସ୍ତ କରାଯିବ ।

ତା: ୨୯/୦୬/୨୦୧୯ରିଖ ଦିବା ୩ ଘଟିକା ସମୟରେ ଆବେଦନକାରୀ କିମ୍ବା ତାଙ୍କର ପ୍ରାଧିକୃତ ପ୍ରତିନିଧି ଏବଂ ଟେଣ୍ଡର ଖୋଲା କମିଟିଙ୍କ ଉପସ୍ଥିତିରେ ଜିଲ୍ଲା ମତ୍ସ୍ୟ ଅଧିକାରୀ, ଅନୁଗୋଳଙ୍କ କାର୍ଯ୍ୟାଳୟରେ ଟେଣ୍ଡର ବାକ୍ସ ଖୋଲାଯିବ ।

ଟେଣ୍ଡର ମାଧମରେ ଅଧିକ ଦରରେ ନେଇଥିବା ବ୍ୟକ୍ତି, ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ସରକାରଙ୍କ ନିୟମ ମୁତାବକ ଲିଖିତ ଚୁକ୍ତିନାମା କରିବେ । ଧାର୍ଯ୍ୟ ସମୟସୀମା ବାହାରେ କୌଣସି ଆବେଦନକାରୀଙ୍କ ଆବେଦନ ଗ୍ରହଣ କରାଯିବ ନାହିଁ ।

ନିମ୍ନ ସ୍ୱାକ୍ଷରକାରୀ ଟେଣ୍ଡର ଗ୍ରହଣ କରିବା ଏବଂ କୌଣସି କାରଣ ନ ଦର୍ଶାଇ ଟେଣ୍ଡର ପ୍ରତ୍ୟାଖାନ କରିବାର ଅଧିକାର ରଖିଛନ୍ତି ।

ସ୍ୱା /-

ଜିଲ୍ଲା ମତ୍ସ୍ୟ ଅଧିକାରୀ, ଅନୁଗୋଳ

ବିଦ୍ର:- ଆବେଦନ ପତ୍ର ସହ ଆଧାର କାର୍ଡ/ ପାନ୍ କାର୍ଡ/ ଭୋଟର ପରିଚୟ ପତ୍ରର ଅବିକଳ ନକଲରେ ସ୍ୱାକ୍ଷରକରି ଆବେଦନ ପତ୍ର ସହ ସଂଲଗ୍ନ କରି ପ୍ରଦାନ କରିବେ ।